27

# D.A.V. PUBLIC SCHOOLS, BHUBANESWAR
## ASSESSMENT – II , 2017-18
## CLASS – V
## SUBJECT – HIGHER ODIA

*[Time allowed: 2 hours]* *[Maximum Marks: 50]*

ସାଧାରଣ ନିର୍ଦ୍ଦେଶାବଳୀ –

୧. ପ୍ରଶ୍ନପତ୍ରରେ ଚାରୋଟି ବିଭାଗ ଓ ୧୦ଟି ପ୍ରଶ୍ନ ଅଛି ।

୨. ପ୍ରଶ୍ନପତ୍ରର କ୍ରମିକ ସଂଖ୍ୟା ଓ ବିଭାଗ ଉତ୍ତର ଖାତାରେ ଠିକ୍ ଭାବରେ ଲେଖ ।

୩. ନିର୍ଦ୍ଦେଶ ଅନୁସାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖ ।

୪. ଉତ୍ତରଗୁଡ଼ିକୁ ସୁନ୍ଦର ଅକ୍ଷରରେ ଓ ପରିଷ୍କାର କରି ଲେଖ ।

୫. ସମସ୍ତ ପ୍ରଶ୍ନର ଉତ୍ତର ଲେଖିସାରିବା ପରେ ପୁନର୍ବାର ଯାଞ୍ଚ କର ।

## 'କ' ବିଭାଗ

୧. ଅନୁଚ୍ଛେଦଟି ପଢ଼ି ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।

ପୁରାତନ କାଳରୁ ଆମ ଦେଶ ଭାରତ "ସୁନାର ଦେଶ" ଭାବରେ ଖ୍ୟାତି ଲାଭ କରିଥିଲା । ଧନଧାନ୍ୟ ପ୍ରାଚୁର୍ଯ୍ୟରେ ଭରି ରହିଥିଲା ଆମର ଏହି ପୁଣ୍ୟଭୂମି । ତେଣୁ ବିଶ୍ୱବାସୀଙ୍କ ଦୃଷ୍ଟିରେ ଭାରତ ଆକର୍ଷଣର କେନ୍ଦ୍ରବିନ୍ଦୁ ଥିଲା । ବ୍ୟବସାୟୀମାନେ ଦୂରଦୂରାନ୍ତରରୁ ସ୍ଥଳପଥରେ ଭାରତକୁ ଆସୁଥିଲେ । ମାତ୍ର ସେ ପଥ ଥିଲା , ଅତି ଦୁର୍ଗମ । ସେହି ପଥରେ ଆସିବାକୁ ହେଲେ ପାହାଡ଼, ପର୍ବତ, ମରୁଭୂମି , ବଣ ଜଙ୍ଗଲ , ନଦୀନାଳ ଇତ୍ୟାଦି ପାର ହୋଇ ଆସିବାକୁ ପଡୁଥିଲା । ତେଣୁ ଲୋକମାନେ ସେହି ପଥରେ ଭାରତକୁ ଆସିବାକୁ ଇଚ୍ଛା କରୁନଥିଲେ ବରଂ ଭାବୁଥିଲେ ଭାରତକୁ କିଭଳି ସମୁଦ୍ର ବା ଜଳପଥରେ ଯିବା ଆସିବା କରିହେବ । ନଉକା ଚଳାଉଥିବା ସାହସୀ ନାବିକମାନେ ଏହି ଜଳପଥ ଖୋଜିବା କାର୍ଯ୍ୟରେ ଲାଗିପଡ଼ିଥିଲେ । ସେମାନଙ୍କ ମଧ୍ୟରେ ପର୍ତ୍ତୁଗୀଜ୍ ନାବିକ ଭାସ୍କୋଡ଼ାଗାମା ଥିଲେ ଅନ୍ୟତମ । ପର୍ତ୍ତୁଗାଲ୍‌ର ରାଜା ଇମାନ୍ୟୁଏଲ୍ ଭାସ୍କୋଡ଼ାଗାମାଙ୍କୁ ୧୧୮ ଜଣ ନାବିକଙ୍କର ଏକ ଦଳ ସହ ଭାରତ ଅଭିଯାନରେ ପଠାଇଲେ । ଏହି ଅଭିଯାନ ବହୁ କଷ୍ଟସାଧ ଥିଲା । କିନ୍ତୁ ପରିଶ୍ରମର ଫଳ କେବେ ବୃଥା ଯାଏ ନାହିଁ । ପରିଶେଷରେ ୧୪୯୮ ମସିହା ମେ ୨୩ ତାରିଖ ଦିନ ସେ ଓ ତାଙ୍କ ଦଳ ଭାରତର ଦକ୍ଷିଣ ପଶ୍ଚିମ ତଟର କାଲିକଟ୍ ବନ୍ଦରରେ ପହଞ୍ଚିଲେ । ତାଙ୍କର ଏହି ଆବିଷ୍କାର ପରେ ଆମ ଦେଶ ଭାରତକୁ ୟୁରୋପୀୟ ବାଣିଜ୍ୟ ପୋତର ଧାଡ଼ି ଲାଗିଗଲା ।

[୧ X ୩ = ୩]

ପ୍ରଶ୍ନ –

(କ) ଆମ ଦେଶ ବିଶ୍ୱବାସୀଙ୍କୁ କାହିଁକି ଆକର୍ଷିତ କରୁଥିଲା ?

(ଖ) ବ୍ୟବସାୟୀମାନେ ସ୍ଥଳପଥରେ ଭାରତକୁ ଆସିବାକୁ କାହିଁକି ଇଚ୍ଛା କରୁନଥିଲେ ?

(ଗ) କିଏ ପ୍ରଥମେ ଭାରତକୁ ଜଳପଥ ଆବିଷ୍କାର କରିଥିଲେ ?

25

**ଘ) ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଶୂନ୍ୟସ୍ଥାନ ପୂରଣ କର ।** [୧ X ୨ = ୨]

i) ଇମାନୁ୍ୟଏଲ୍ __________ ଦେଶର ରାଜା ଥିଲେ ।
(ଭାରତ, ପର୍ତ୍ତୁଗାଲ୍, ୟୁରୋପ, ଜାପାନ୍)

ii) ନାବିକମାନେ ପ୍ରଥମେ ଭାରତର __________ ବନ୍ଦରରେ ଆସି ପହଞ୍ଚିଥିଲେ ।
(ହଳଦିଆ, କୋଚି, କାଲିକଟ୍, ପାରାଦ୍ୱୀପ)

## 'ଖ' ବିଭାଗ

**୨. ଯେ କୌଣସି ଗୋଟିଏ ବିଷୟରେ ଅନୁଚ୍ଛେଦ ଲେଖ ।** [୫]

ସମୟର ସଦୁପଯୋଗ , ସାଧାରଣତନ୍ତ୍ର ଦିବସ , ବୃକ୍ଷରୋପଣ

**୩. ପତ୍ର କିମ୍ବା ଦରଖାସ୍ତ ଲେଖ ।** [୫]

ବିଦ୍ୟାଳୟ ପାଠାଗାରରୁ ପୁସ୍ତକ ନେବାପାଇଁ ଅଧକ୍ଷ/ଅଧକ୍ଷାଙ୍କ ନିକଟକୁ ଦରଖାସ୍ତ ଲେଖ ।

କିମ୍ବା

ତୁମ ବିଦ୍ୟାଳୟର ବାର୍ଷିକ ଉତ୍ସବ କିପରି ପାଳନ କଲ, ବର୍ଣ୍ଣନା କରି ଅଜାଙ୍କ ନିକଟକୁ ପତ୍ର ଲେଖ ।

## 'ଗ' ବିଭାଗ

**୪. କ) ବନ୍ଧନୀମଧ୍ୟରୁ ଠିକ୍ ବିପରୀତାର୍ଥବୋଧକ ଶବ୍ଦଟି ବାଛି ଲେଖ ।** [୧ X ୩ = ୩]

i) ଦରକାରୀ – (ଅନାବଶ୍ୟକ, ଆବଶ୍ୟକ, ଅଦରକାରୀ, ଦୃଢ଼)

ii) ଅସହିଷ୍ଣୁ – (ଅସହ୍ୟ, ସହିଷ୍ଣୁ, ସହ୍ୟ, ସାଧୁ)

iii) ପ୍ରଶ୍ୱାସ – (ପ୍ରାଣ, ପ୍ରୟାସ, ନିଶ୍ଚିନ୍ତ, ନିଃଶ୍ୱାସ)

**ଖ) ବନ୍ଧନୀମଧ୍ୟରୁ ବାଛି ପ୍ରତିଶବ୍ଦ ଲେଖ ।** [୧ X ୩ = ୩]

i) ପଦ୍ମ – (କାନନ, କମଳ, କଇଁ, କୁସୁମ)

ii) ରାଜା – (ଦଳପତି, ବୁଦ୍ଧିମାନ, ରକ୍ଷକ, ନୃପତି)

iii) ପାଦ - (ଅଧର, ମୁଖ, ଚରଣ, ମଥା)

**ଗ) ଏକପଦରେ ପ୍ରକାଶ କର ।** [୧ X ୩ = ୩]

i) ମହତ୍ ଉଦ୍ଦେଶ୍ୟରେ ଯାତ୍ରା

ii) ମୁକ୍ତିକୁ କାମନା କରୁଥିବା ବ୍ୟକ୍ତି

iii) ଯେ ଜ୍ଞାନ ଦାନ କରନ୍ତି

ଘ) **ବାକ୍ୟ ଶେଷରେ ଉପଯୁକ୍ତ ଚିହ୍ନ ଦିଅ ।** [୧ X ୩ = ୩]

i) ଆମେ ବିଭିନ୍ନ ପର୍ବ କାହିଁକି ପାଳନ କରୁ

ii) କି ନିଃସ୍ୱାର୍ଥ ଓ ତ୍ୟାଗପୂତ ଜୀବନ

iii) ଭାରତ ଆମର ଜନ୍ମଭୂମି ଅଟେ

ଙ) **ନିମ୍ନଲିଖିତ ଶବ୍ଦଗୁଡ଼ିକର ଗଦ୍ୟରୂପ ଲେଖ ।** [୧ X ୩ = ୩]

i) ବରଷ ii) ପରଜା iii) ଶକତି

## 'ଘ' ବିଭାଗ

୫. କ) **ବନ୍ଧନୀମଧ୍ୟରୁ ବାଛି ଶବ୍ଦଗୁଡ଼ିକର ଅର୍ଥ ଲେଖ ।** [୦.୫ X ୪ = ୨]

i) ପାରାବାର – (ନଦୀ, ପୁଷ୍କରିଣୀ, ସାଗର, ବିଶାଳ)

ii) ବିରୋଧ - (ଅଭିଯୋଗ,ପ୍ରତିବାଦ, ସ୍ୱୀକାର, ଗ୍ରହଣ)

iii) ଅଧର – (ଶିର, ଓଠ, ମୁଖ, ଶରୀର)

iv) ମାର୍ଜିତ – (ସୁଦକ୍ଷ, ଭଦ୍ର, ବିନୟ,ଅସ୍ଥିର)

ଖ) **ବାକ୍ୟଗଠନ କର (୨ଟିର)।** [୧ X ୨ = ୨]

i) ବିସ୍ମୟକର ii) ପ୍ରତିକ୍ରିୟା iii) ପଲ୍ଲୀବାସୀ

୬. **ସରଳ ଭାଷାରେ ବୁଝାଇ ଲେଖ ।** [୪ X ୧ = ୪]

ବନ୍ଧୁର ପଥେ ଆମ ଅଭିଯାନ ଆମେ ନବ କିଶଳୟ ।

**କିମ୍ବା**

ଆଶ୍ରିତ ଜନ ରକ୍ଷାପାଇଁ
ଦଳପତି ସିନା ସାଜିଛି ମୁହିଁ ।

୭. **ଯେ କୌଣସି ୪ଟି ପ୍ରଶ୍ନର ଉତ୍ତର ଲେଖ ।** [୧ X ୪ = ୪]

(କ) ଡେଟନ୍ ସହରର ଦୂରଦର୍ଶନ କେନ୍ଦ୍ରରେ କିଏ କାର୍ଯ୍ୟକ୍ରମ ପ୍ରସାରଣ କରୁଥିଲେ ?

(ଖ) ଲକ୍ଷ୍ମଣ ନାୟକ କେଉଁ ସ୍ଥାନରେ ଜନ୍ମଗ୍ରହଣ କରିଥିଲେ ?

(ଗ) କାଲ୍‌ଭେରିଆ କାହାକୁ ଖୋଜୁଛି ?

(ଘ) ଉତ୍କଳପୁତ୍ର ପତ୍ରିକାରେ ଓଡ଼ିଶାର କେଉଁ କଥା ପ୍ରକାଶ ପାଉଥିଲା ?

(ଙ) ପ୍ରକୃତ ବନ୍ଧୁ କାହାକୁ କୁହାଯାଏ ?

(ଚ) ନୀଳମେଘ ବୁକୁରେ ଶିଶୁମାନେ କିପରି ଶୋଭାପାଇବେ ବୋଲି ବର୍ଣ୍ଣନା କରାଯାଇଛି ?

30

**୮. ନିମ୍ନ କବିତାଂଶଟି ପଢ଼ି ଦିଆଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।** [୧ X ୩ = ୩]

ପାଣି କାଦୁଅରେ ଆଉ କି ପଶିବ
ଦେଖିବ ଦୁଃଖୀର ମୁହଁ
ବରଷା ବଢ଼ିରେ କିଏ ପୋଛିଦେବ
ଆକୁଳ ଆଖିର ଲୁହ
ଟଙ୍କା ନେଇ ଯାଅ ସାଇକେଲ୍ କିଣା
ମନୁ କରିଦିଅ ଦୂର,
ଦୁଃଖୀ ଜନସେବା ଯେଉଁଠି କରୁଛ
ସେଇ ତ ସରଗ ପୁର ।

(କ) ଏଠାରେ କେଉଁସ୍ଥାନକୁ ସ୍ୱର୍ଗପୁର କୁହାଯାଇଛି ?

(ଖ) ଏହି କବିତାଂଶଟି କେଉଁ କବିତାରୁ ଆସିଅଛି ଓ ଏହାର କବି କିଏ ?

(ଗ) ଏଠାରେ 'ଟଙ୍କା ନେଇଯାଅ' ବୋଲି କିଏ କାହାକୁ କହିଛନ୍ତି ?

**୯. ଉତ୍ତର ଲେଖ ।** [୩ X ୧ = ୩]

ପର୍ତ୍ତୁଗୀଜ୍‌ମାନେ ଡ଼୍ରୋଡ଼୍ରୋର ଶତ୍ରୁ ହେଲେ କିପରି ?

କିମ୍ବା

ଲକ୍ଷ୍ମଣ ସ୍ୱାଧୀନତା ସଂଗ୍ରାମରେ କାହିଁକି ଯୋଗଦେଲେ ଓ ସେଥିପାଇଁ ତାଙ୍କର କ'ଣ ଅସୁବିଧା ହେଲା ?

**୧୦. ଉତ୍ତର ଲେଖ ।** [୨ X ୧ = ୨]

ପ୍ୟାରୀମୋହନ ସରକାରୀ ନିୟନ୍ତ୍ରଣରୁ ମୁକ୍ତ ଏକ ସ୍ୱାଧୀନ ଶିକ୍ଷାନୁଷ୍ଠାନ ଗଠନ କରିବା ପାଇଁ କାହିଁକି ସଂକଳ୍ପ କଲେ ? ତାଙ୍କର ସେଭଳି ଚିନ୍ତାଧାରାରୁ ତୁମେ କେଉଁ ମୂଲ୍ୟବୋଧ ଶିକ୍ଷା କଲ ?

କିମ୍ବା

'ଦଳପତି ପଦ ତୁମକୁ ସାଜେ' – କବିତାରେ 'ତୁମକୁ' ଅର୍ଥ କାହାକୁ ବୁଝାଉଛି ? ତାଙ୍କ କାର୍ଯ୍ୟରୁ ତୁମେ କେଉଁ ମୂଲ୍ୟବୋଧ ଶିକ୍ଷା କଲ ?

*********